# NATIONAL NEWS BULLETIN (ODIA)

## 02 nd October - 2023

## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜସ୍ଥାନର ଚିତ୍ତୋରଗଡଠାରେ ୭ ହଜାର କୋଟି ଟଙ୍କା ସମ୍ବଳିତ ବିଭିନ୍ନ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।
- ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ଗୋଆଲିଅରରୁ ୧୯ ହଜାର ୨୬୦ କୋଟି ଟଙ୍କା ମୂଲ୍ୟର ବିକାଶମୁଖୀ ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।
- ହେଙ୍ଗରୀର କାଟାଲିନା କାରିକୋ ଓ ଆମେରିକାର ଡ୍ରିୟୁ ୱିସମ୍ୟାନ୍ ଚଳିତ ବର୍ଷ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇଛନ୍ତି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଛତିଶଗଡ଼ ଓ ତେଲଙ୍ଗାନା ଗସ୍ତ କରିବେ ।

ଏବଂ

- ହାଙ୍ଗଝୌ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୫୮କୁ ବୃଦ୍ଧି ପାଇଛି ।

## ରାଜସ୍ଥାନ ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ଚିତ୍ତୋରଗଡଠାରେ ୭ ହଜାର କୋଟି ଟଙ୍କା ସମ୍ବଳିତ ବିଭିନ୍ନ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ଭଟିଣ୍ଡା-ଗୁରୁଦାସପୁର ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେହି ପ୍ରକଳ୍ପର ନିର୍ମାଣ ବାବଦରେ ୪ହଜାର ୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ପ୍ରଧାନମନ୍ତ୍ରୀ ଅନେକ ରେଳ ପ୍ରକଳ୍ପକୁ ମଧ୍ୟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଚିତ୍ତୋରଗଡ-ନିମୁଚ ରେଳଲାଇନ୍ ଓ କୋଟା-ଚିତ୍ତୋରଗଡ ଇଲେକ୍ଟ୍ରିଫାଏଡ ରେଳଲାଇନ୍ ରହିଛି। ପ୍ରଧାନମନ୍ତ୍ରୀ ସ୍ୱଦେଶ ଦର୍ଶନ ଯୋଜନା ଅଧୀନରେ ନାଥଦ୍ୱାରା ପର୍ଯ୍ୟଟନସ୍ଥଳୀକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି, ରାଜସ୍ଥାନର କଂଗ୍ରେସ ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। କିନ୍ତୁ ସରକାର ଚଳାଇପାରୁନାହାଁନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ନିଜ ସରକାରକୁ ସୁରକ୍ଷା ଦେବାରେ ୫

ବର୍ଷ ବିତି ଗଲାଣି ଏବଂ ତାଙ୍କର ମୁଖ୍ୟମନ୍ତ୍ରୀତ୍ୱକୁ ସୁରକ୍ଷା ଦେବାକୁ କଂଗ୍ରେସ ନେତାମାନେ ଲାଗି ପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ ଦଳ ସବୁବେଳେ ଅର୍ନ୍ତଦ୍ୱନ୍ଦ୍ୱରେ ଲିପ୍ତ ରହୁଛି। ଜନସାଧାରଣଙ୍କର ବିକାଶ ପାଇଁ ଦୃଷ୍ଟି ଦେଉନାହିଁ। ସେ କହିଛନ୍ତି, ରାଜ୍ୟରେ ବିଜେପି ସରକାର ଗଢ଼ିଲେ କୌଣସି ଜନକଲ୍ୟାଣକାରୀ ଯୋଜନା ବନ୍ଦ ହେବ ନାହିଁ, ଏହା ଜାରି ରହିବ। ସେ କହିଛନ୍ତି, ଯେଉଁ ଯୋଜନାରେ ଦୁର୍ନୀତି ଦେଖାଯିବ ସେଠାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ପଡ଼ିଥିବା ବିଷୟ ସମାଲୋଚନା କରି ଶ୍ରୀ ମୋଦୀ କହିଛନ୍ତି, ସାରା ଦେଶରେ ରାଜସ୍ଥାନ ଅପରାଧ ଏବଂ ନାରୀ ନିର୍ଯାତନା କ୍ଷେତ୍ରରେ ଶୀର୍ଷରେ ରହିଛି, ଯାହାକି ଚିନ୍ତାର ବିଷୟ। ସେ କହିଛନ୍ତି, ରାଜ୍ୟରେ ନାରୀମାନଙ୍କର ସୁରକ୍ଷାକୁ ବିଜେପି ସରକାର ନିଶ୍ଚିତ କରିବ। ସେ ପୁଣି କହିଛନ୍ତି, ମହିଳା ଆରକ୍ଷଣ ବିଧେୟକ ପ୍ରସଙ୍ଗରେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ପ୍ରଚାର କରାଯାଉଥିବା ବିଭ୍ରାନ୍ତିମୂଳକ ମନ୍ତବ୍ୟକୁ ଲୋକମାନେ ଧ୍ୟାନ ଦେବା ଉଚିତ ନୁହେଁ। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ବିଷୟରେ ଶ୍ରୀ ମୋଦୀ କହିଛନ୍ତି, ଏହାଦ୍ୱାରା ବିଶ୍ୱକର୍ମା ପରିବାର ଗୁଡ଼ିକ ଏହି ଯୋଜନାରେ ଲାଭାନ୍ୱିତ ହେବେ। ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ସରକାର କ୍ଷମତାକୁ ଆସିବାପରେ ସୈନିକ ମାନଙ୍କ ପାଇଁ 'ଏକ ପଦ, ଏକ ପେନସନ୍' ଯୋଜନା ଲାଗୁ କରିଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ଏହି ଯୋଜନା ଅନ୍ତର୍ଗତ ୭୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାତିର

ପିତା ମହାତ୍ମା ଗାନ୍ଧୀ ସର୍ବଦା ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିଲେ ଏବଂ ତାଙ୍କର ଜନ୍ମଦିବସରେ ପ୍ରତ୍ୟେକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଉଚିତ।

## ପିଏମ୍-ଏମ୍‌ପି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଗୋଆଲିଅରରୁ ୧୯ ହଜାର ୨୬୦ କୋଟି ଟଙ୍କା ସମ୍ବଳିତ ବହୁ ବିକାଶମୁଖୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ ମଧ୍ୟ ଦିଲ୍ଲୀ–ବଡ଼ୋଦ୍ରା ଏକ୍ସପ୍ରେସ ୱେ'କୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସେହି ପ୍ରକଳ୍ପରେ ୧୧ ହଜାର ୮୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେ ମଧ୍ୟ ୧ ହଜାର ୮୮୦ କୋଟି ଟଙ୍କା ସମ୍ବଳିତ ୫ଟି ଭିନ୍ନ ଭିନ୍ନ ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ପ୍ରାୟ ୨ ଲକ୍ଷ ୨୦ ହଜାର ଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ଅନ୍ତର୍ଗତ ନିର୍ମାଣ କରାଯାଇଥିବା ୧୩ ଶହ ୫୫ରୁ ଊର୍ଦ୍ଧ୍ୱ ଘରକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି। ଯାହାକି, ୧୪୦ କୋଟି ଟଙ୍କା ବ୍ୟୟବରାଦରେ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ଗୋଆଲିଅର ଏବଂ ଶିଓ୍ୟାପୁର ଜିଲ୍ଲାରେ ୧ ହଜାର ୫୩୦ କୋଟି ଟଙ୍କା ସମ୍ବଳିତ ଜଳଜୀବନ ମିଶନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଘଟିଗାଁ-ଭିତରୱାର ଏବଂ ସାଡା ପ୍ରକଳ୍ପଗୁଡ଼ିକ ସେହି ଅଞ୍ଚଳର ୩ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇବ। ପ୍ରଧାନମନ୍ତ୍ରୀ ଗୋଆଲିଅର, ବିଦିଶା, ବେତୁଲ,

କଟନୀ, ବୁରହନପୁର, ନରସିଂହପୁର, ଦାମୋହ ଏବଂ ଅଗର ମାଲୱା ଠାରେ ୧୫୦ କୋଟି ଟଙ୍କା ସମ୍ବଳିତ କ୍ରିଟିକାଲ କେୟାର ୟୁନିଟ୍ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶ୍ରୀ ମୋଦୀ **IIT** ଇନ୍ଦୋରର ଏକାଡେମିକ ବିଲ୍ଡିଂକୁ ଉତ୍ସର୍ଗୀ କରିବା ସହ ଅନ୍ୟାନ୍ୟ ବିଲ୍ଡିଂ ଏବଂ ହଷ୍ଟେଲର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ଇନ୍ଦୋରଠାରେ ଏକ ବହୁମୁଖୀ ଲଜିଷ୍ଟିକ୍ ପାର୍କ, ଉଜ୍ଜୟିନୀ ଠାରେ ସମନ୍ୱିତ ଶିଳ୍ପାଞ୍ଚଳର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଗୋଆଲିଅର ଠାରେ ଥିବା ଅଟଳବିହାରୀ ବାଜପେୟୀ ଦିବ୍ୟାଙ୍ଗ ସ୍ପୋର୍ଟସ ଟ୍ରେନିଂ ସେଣ୍ଟରକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

# ପିଏମ୍-ଛତିଶଗଡ ଓ ତେଲେଙ୍ଗାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଛତିଶଗଡ ଓ ତେଲେଙ୍ଗାନା ଗସ୍ତ କରିବେ । ଶ୍ରୀ ମୋଦୀ ଏହି ସମୟରେ ଛତିଶଗଡରେ ୨୬ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେ ଏନ୍.ଏମ୍.ଡି.ସି ଷ୍ଟିଲ୍ ଲିମିଟେଡ୍‌ର ଇସ୍ପାତ କାରଖାନାକୁ ବସ୍ତର ଜିଲ୍ଲାର ନଗରନାରଠାରେ ଉତ୍ସର୍ଗ କରିବେ । ସେହି ଇସ୍ପାତ କାରଖାନା ନୂଆକରି ସ୍ଥାପନ କରାଯାଇଛି ଓ ସେଠାରୁ ଉନ୍ନତମାନର ଇସ୍ପାତ ଉତ୍ପାଦନ ହେବ । ପ୍ରଧାନମନ୍ତ୍ରୀ ଅନ୍ତଗଡ ଓ ତାରୋକି ମଧ୍ୟରେ ଏକ ନୂଆ ରେଳଲାଇନ୍‌କୁ

ଉତ୍ସର୍ଗ କରିବେ ଏବଂ ଜଗଦଲପୁର ଓ ଦାନ୍ତେୱାଡା ମଧ୍ୟରେ ରେଲଲାଇନ୍‌ର ଦୋହରୀକରଣକୁ ଉତ୍ସର୍ଗ କରିବେ ।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ତେଲେଙ୍ଗାନାର ନିଜାମାବାଦଠାରେ ପହଞ୍ଚି ସେଠାରେ ୮ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେହି ପ୍ରକଳ୍ପ ଗୁଡ଼ିକ ବିଦ୍ୟୁତ୍, ରେଳ ଓ ସ୍ୱାସ୍ଥ୍ୟ କ୍ଷେତ୍ରରୁ ରହିଛି । ସେ ୨୦ଟି କ୍ରିଟିକାଲ କେୟାର ବ୍ଲକର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେଗୁଡ଼ିକ ଆୟୁଷ୍ମାନ ଭାରତ - ସ୍ୱାସ୍ଥ୍ୟ ମୌଳିକ ଢ଼ାଞ୍ଚା ମିଶନ ଅଧୀନରେ ନିର୍ମିତ ହେବ ।

## ନୋବେଲ- ମେଡିସିନ୍

ଚଳିତ ବର୍ଷ ମେଡିସିନ୍‌ରେ କ୍ଷେତ୍ରରେ ନୋବେଲ ପୁରସ୍କାର ଘୋଷଣା ହୋଇଛି। ଏହି ପୁରସ୍କାର ହଙ୍ଗେରୀର ପ୍ରଫେସର କାଟାଲିନ୍ କାରିକୋ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଫେସର ଡ୍ରିୟୁ ୱିସମ୍ୟାନ୍‌ଙ୍କୁ ମିଳିତ ଭାବେ ପ୍ରଦାନ କରାଯାଇଛି। ଏହି ଦୁଇ ଜଣ ବୈଜ୍ଞାନିକ **MRNA** ଭିତ୍ତିକ କୋବିଡ୍ ଭ୍ୟାକସିନ୍ ପ୍ରସ୍ତୁତି କ୍ଷେତ୍ରରେ ବ୍ୟବହାର ହେଉଥିବା ପ୍ରଯୁକ୍ତିବିଦ୍ୟାର ବିକାଶ କରିଥିଲେ। ଏହି ପ୍ରଯୁକ୍ତିବିଦ୍ୟା କୋବିଡ୍ ମହାମାରୀ ପୂର୍ବରୁ ପରୀକ୍ଷଣରେ ଥିଲା। କିନ୍ତୁ ବର୍ତ୍ତମାନ ସାରା ବିଶ୍ୱରେ ନିୟୁତ ନିୟୁତ ଲୋକଙ୍କୁ କୋବିଡ୍ ଭ୍ୟାକସିନ୍ ଦେବା ପାଇଁ ବ୍ୟବହାର ହେଉଛି। ସେହି ସମାନ ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ କ୍ୟାନସର ସମେତ ଅନ୍ୟାନ୍ୟ ରୋଗଗୁଡ଼ିକ କ୍ଷେତ୍ରରେ ବ୍ୟବହାର ପାଇଁ ଗବେଷଣା ଚାଲିଛି। ଷ୍ଟକ୍‌ହୋମ୍ ସ୍ଥିତ

ନୋବେଲ ପୁରସ୍କାର କମିଟି ଏକ ବିବୃତିରେ କହିଛି, ଆଧୁନିକ ସମୟରେ ବିଶ୍ୱ ସମୁଦାୟ ପ୍ରତି ମହାମାରୀର ଭୟାବହତା ମଧ୍ୟରେ ଏହି ଦୁଇଜଣ ବୈଜ୍ଞାନିକଙ୍କର କୋବିଡ ପ୍ରତିଷେଧକ ଟୀକା ପ୍ରସ୍ତୁତି ପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ପାଇଁ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି । ଏହି ପ୍ରତିଷେଧକ ଟୀକା ପ୍ରତିରକ୍ଷା ପ୍ରଣାଳୀକୁ  ମଜଭୁତ କରିବା ସହ ବିଜାଣୁ ଓ ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବ । କୋବିଡ ମହାମାରୀ ସମୟରେ ମଡେର୍ନା, ଫାଇଜର ଏବଂ ବାୟୋଏନ୍‌ଟେକ୍ ଭ୍ୟାକସିନ୍‌ଗୁଡ଼ିକ **MRNA** ପ୍ରଯୁକ୍ତିବିଦ୍ୟା ଆଧାରିତ ଥିଲା ।

## ବିହାର କାଷ୍ଟ ସର୍ଭେ

ବିହାର ସରକାର ଆଜି ରାଜ୍ୟରେ କରାଯାଇଥିବା ଜାତିଭିତ୍ତିକ ସର୍ଭେର ଫଳକୁ ପ୍ରକାଶ କରିଛନ୍ତି । ଏହି ସର୍ଭେ ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା । ବିହାର ମୁଖ୍ୟ ସଚିବ ବିବେକ କୁମାର ସିଂ ବହୁ ପ୍ରତିକ୍ଷୀତ ଜାତିଭିତ୍ତି ସର୍ଭେର ତଥ୍ୟକୁ ଆଜି ପ୍ରକାଶ କରିଛନ୍ତି । ୧୦୧ ପୃଷ୍ଠା ସମ୍ବଳିତ ଏହି ସର୍ଭେ ରିପୋର୍ଟ ଅନୁସାରେ ରାଜ୍ୟରେ ୧୩ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି ଏବଂ ସେଥିମଧ୍ୟରୁ ଅତ୍ୟନ୍ତ ପଛୁଆବର୍ଗ ୩୬ ଦଶମିକ ୦/୧ ପ୍ରତିଶତ ରହିଛନ୍ତି । ସର୍ଭେ ରିପୋର୍ଟ ଅନୁସାରେ ରାଜ୍ୟରେ ପଛୁଆବର୍ଗ ୨୭ ଦଶମିକ ୧/୨ ପ୍ରତିଶତ ଏବଂ ତଫସିଲଭୁକ୍ତ ଜାତି ମୋଟ ଜନସଂଖ୍ୟାର ୧୯ ଦଶମିକ ୬/୫ ପ୍ରତିଶତ ରହିଛନ୍ତି । ସାଧାରଣ ବର୍ଗ ରାଜ୍ୟର ମୋଟ ଜନସଂଖ୍ୟାର ୧୫ ଦଶମିକ ୫/୨ ପ୍ରତିଶତ ଅଛନ୍ତି ।

ଏହି ସର୍ଭେ ରିପୋର୍ଟରେ ଜନଜାତି ସମ୍ପ୍ରଦାୟ' ରାଜ୍ୟ ଜନସଂଖ୍ୟାର ୧ ଦଶମିକ ୬/୮ ପ୍ରତିଶତ ରହିଛି, ଯାହାକି ସର୍ବନିମ୍ନ।

## ଏସିଆନ୍ ଗେମ୍ସ

ଚୀନ୍‌ର ହାଙ୍ଗଝୌ ଏସୀୟ କ୍ରୀଡ଼ାରେ ଭାରତ ଆଜି ଗୋଟିଏ ରୌପ୍ୟ ଓ ଚାରୋଟି ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ଏଥିସହିତ ଭାରତର ପଦକ ସଂଖ୍ୟା ୫୮କୁ ବୃଦ୍ଧି ପାଇଛି। ତାହା ମଧ୍ୟରେ ୧୩ଟି ସ୍ୱର୍ଣ୍ଣ, ୨୨ଟି ରୌପ୍ୟ ଏବଂ ୨୩ଟି ବ୍ରୋଞ୍ଜ ପଦକ ରହିଛି। ଆଥଲେଟିକ୍ସରେ ଭାରତ ପୁନର୍ବାର ଏହାର ପରାକାଷ୍ଠାର ପ୍ରଦର୍ଶନ କରିଛି। ୩ ହଜାର ମିଟର ମହିଳା ଷ୍ଟିପଲ ଚେଜ୍ ଫାଇନାଲରେ ପାରୁଲ ଚୌଧୁରୀ ରୌପ୍ୟ ପଦକ ବିଜୟୀ ହୋଇଥିବାବେଳେ ପ୍ରୀତି ଲାମ୍ବା ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଲାମ୍ବା ବାହାରିନ୍‌ର ତିଗେଷ୍ଟ ଗେଟେଣ୍ଟଙ୍କୁ ପରାସ୍ତ କରିଛନ୍ତି।

ଭାରତର ମହିଳା ଏବଂ ପୁରୁଷ ସ୍ପିଡ୍ ସ୍କେଟିଂ ରିଲେ ଦଳକୁ ୨ଟି ବ୍ରୋଞ୍ଜ ମିଳିଥିବାବେଳେ ମହିଳା ଡବଲ୍ସ ଟେବୁଲ ଟେନିସ୍‌ରେ ଗୋଟିଏ ବ୍ରୋଞ୍ଜ ପଦକ ମିଳିଛି।

ଭାରତୀୟ ମହିଳା ସ୍କେଟିଙ୍ଗ ଟିମ୍‌ରେ ସଞ୍ଜନା ଭାଟୁକା, କାର୍ତ୍ତିକା ଜଗଦୀଶ୍ୱରନ୍, ହୀରାଲ ସାଧୁ ଓ ଆରତ୍ ଜୁ କସ୍ତୁରୀ ୩ହଜାର ମିଟର ସ୍କେଟିଙ୍ଗ ରିଲେ ଟିମ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଭାରତର ପୁରୁଷ ଟିମ୍‌ରେ ଆର୍ଯ୍ୟାନ ପାଲ୍, ଆନନ୍ଦ କୁମାର, ସିଦ୍ଧାନ୍ତ ଓ

ବିକ୍ରମ ମଧ୍ୟ ଫାଇନାଲରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ଭାରତୀୟ ଟେବୁଲ ଟେନିସ୍ ପ୍ରତିଯୋଗୀ ଐହିକା ମୁଖାର୍ଜୀ ଓ ସୁତୀର୍ଥା ମୁଖାର୍ଜୀ ମହିଳା ଡବଲ୍ସ ଟୁର୍ଣ୍ଣାମେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

ଭାରତୀୟ ସ୍କ୍ୱାଶ ଖେଳାଳି ସୌରଭ ଘୋଷାଲ କୁଏତର ଅମ୍ମର ଅଲତାମିମିଙ୍କୁ ୧୬ତମ ରାଉଣ୍ଡରେ ୧୧-୪, ୧୧-୪ ଏବଂ ୧୧-୬ରେ ପରାସ୍ତ କରିଛନ୍ତି। ମହେଶ ମଁଗାଓକର ଜାପାନର ରିୟୁନୋସୁକି ଙ୍କ ନିକଟରୁ ୦-୩ରେ ହାରି ଯାଇଛନ୍ତି। ବାସ୍କେଟବଲରେ ଭାରତକୁ ବିଫଳତା ମିଳିଛି। ମହିଳା କ୍ୱାର୍ଟର ଫାଇନାଲରେ ଶ୍ରିରେନ ଲିମାଇଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ' କୋରିଆ ନିକଟରୁ ୯୬-୫୭ ପଏଣ୍ଟରେ ହାରି ଯାଇଛି।

ଭାରତର କବାଡ଼ି ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି। ଦୁଇଥର ଏସୀୟ ଚମ୍ପିଆନ୍ ଭାରତୀୟ ମହିଳା ଦଳ ୩୪ ପଏଣ୍ଟ ସ୍କୋର କରି ଚାଇନିଜ୍ ତାଇପେଇ ବିପକ୍ଷ ମ୍ୟାଚ୍‌କୁ ଅମୀମାଂସିତ ରଖିଛି। ଇତିମଧ୍ୟରେ ୭ଥର ସ୍ୱର୍ଣ୍ଣପଦକ ବିଜୟୀ ଭାରତୀୟ କବାଡ଼ି ଦଳ ଆସନ୍ତାକାଲି ବାଂଲାଦେଶ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବ। ପୁରୁଷ ହକିରେ ପୁଲ୍-ଏ'ର ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଦଳ ବାଂଲାଦେଶ ବିପକ୍ଷରେ ୧୨-୦ ଗୋଲ୍‌ରେ ବିଜୟୀ ଲାଭ କରିଛି। ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ ପେନାଲ୍ଟି କର୍ଣ୍ଣରରୁ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିବାବେଳେ ମନଦୀପ ସିଂ ମଧ୍ୟ ତିନୋଟି ଗୋଲ ସ୍କୋର କରିଥିଲେ। ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ୫ଟି

ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଦଳ ସମୁଦାୟ ୫୮ଟି ଗୋଲ୍ ଦେଇଥିବାବେଳେ ବିପକ୍ଷ ଦଳଗୁଡ଼ିକ ଭାରତୀୟ ଟିମ୍‌କୁ ମାତ୍ର ୫ଟି ଗୋଲ୍ ଦେଇପାରିଛନ୍ତି।

ବ୍ୟାଡମିଣ୍ଟନରେ ଯୁଗଳ ମିଶ୍ରିତ ବର୍ଗରେ ଭାରତର ସାଇ ପ୍ରତୀକ ଏବଂ ତନିସା କ୍ରାଷ୍ଟୋ' ମକାଓ ଚାଇନା'ର ଲିଅଙ୍ଗ ଲକ୍ ଚଙ୍ଗ୍ ଏବଂ ଏନ୍‌ଜି ୱେଙ୍ଗ ଚି'ଙ୍କୁ ୩୨ତମ ରାଉଣ୍ଡରେ ପରାସ୍ତ କରିଛନ୍ତି। ଏହି ଭାରତୀୟ ଯୋଡ଼ି ୧୬ତମ ରାଉଣ୍ଡରେ ଆସନ୍ତାକାଲି ଚେନ୍ ତାଙ୍ଗ ଜେଏବଂ ତୋ ୟେ ୱିଙ୍କୁ ଭେଟିବେ।

*****